# ଆତିଥ୍ୟ ଶିକ୍ଷାକୁ ପ୍ରୋତ୍ସାହନ ଦେବ ଆଇଏଚ୍‌ଏମ୍

ଚନ୍ଦ୍ରଶେଖରପୁର,୧୪।୨(ଆପ୍ର): ଓଡ଼ିଶାର ଯୁବବର୍ଗଙ୍କ ମଧ୍ୟରେ ଆତିଥ୍ୟ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ(ଆଇଏଚ୍‌ଏମ୍) ସହଭାଗିତାରେ ପ୍ରେସ ଇନ୍‌ଫର୍ମେସନ୍ ବ୍ୟୁରୋ (ପିଆଇବି) ସଫଳତାର ସହ ଶିକ୍ଷାନୁଷ୍ଠାନ ପରିସରରେ ଆଲୋଚନା କରାଯାଇଛି। ଆତିଥ୍ୟ କ୍ଷେତ୍ରରେ ରହିଥିବା ବ୍ୟାପକ କ୍ୟାରିଅର ସମ୍ଭାବନା ଏବଂ ଭବିଷ୍ୟତର ପେସାଦାରମାନଙ୍କୁ ଗଢ଼ିବାରେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଇଏଚ୍‌ଏମ୍ ଭୁବନେଶ୍ୱର ଅଧ୍ୟକ୍ଷ ଶାରଦା ଘୋଷ, ବରିଷ୍ଠ ଅଧ୍ୟାପକ ସମ୍ପିତ ସୁମନ ଏବଂ ପ୍ରମଥଦୀପ କର ଆଲୋକପାତ କରିଥିଲେ।




ଶ୍ରୀମତୀ ଘୋଷ କହିଛନ୍ତି, ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ଉଭା ହୋଇଛି। ବିଳାସପୂର୍ଣ୍ଣ ହୋଟେଲ ଏବଂ ରିସର୍ଟ ସଂଖ୍ୟାରେ ବୃଦ୍ଧି ଘଟିବା ସହିତ କୁଶଳୀ ପେସାଦାରଙ୍କ ଚାହିଦା ସର୍ବକାଳୀନ ଉଚ୍ଚସ୍ତରରେ ରହିଛି। ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ) ଦ୍ୱାରା ପ୍ରଦାନ କରାଯାଇଥିବା ବିଏସସି ଇନ୍ ଆତିଥ୍ୟ ଓ ହୋଟେଲ ଆଡମିନିଷ୍ଟ୍ରେସନ ଏବଂ ଏମଏସ୍‌ସି ଇନ୍ ଆତିଥ୍ୟ ଆଡମିନିଷ୍ଟ୍ରେସନ ସମେତ ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରମୁଖ ପାଠ୍ୟକ୍ରମ ବିଷୟରେ ସେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ।

ଶ୍ରୀ ସୁମନ ସ୍ନାତକମାନଙ୍କ ପାଇଁ ଉପଲବ୍ଧ ବିବିଧ କ୍ୟାରିଅର ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ଶ୍ରୀ କର ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ନେତୃତ୍ୱରେ ଦକ୍ଷତା ବିକାଶ ପଦକ୍ଷେପ ଏବଂ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଆଇଏଚଏମ୍ ଭୁବନେଶ୍ୱର ଭୂମିକା ବିଷୟରେ କହିଥିଲେ। ଆଇଏଚଏମ ଭୁବନେଶ୍ୱରକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ କର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ଭାବେ ମନୋନୀତ କରାଯାଇଥିବା ସେ ଘୋଷଣା କରିଥିଲେ।